# NATIONAL NEWS BULLETIN (ODIA)

## 7 November - 2025

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମକୁ ଆଜି ନୂଆଦିଲ୍ଲୀରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ବାରଣାସୀଠାରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଚାରିଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟେନ୍‌ର କରିବେ ଶୁଭାରମ୍ଭ
- ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୪ ଦଶମିକ ୬/୬ ପ୍ରତିଶତ ମତଦାନ
- ଭାରତ ଓ ଲକ୍ସମବର୍ଗ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ପୁନଃସ୍ଥାପିତ ପାଇଁ ସହମତ

ଏବଂ

- ନୂଆଦିଲ୍ଲୀରେ ଆଜି ପାଳନ କରାଯିବ ଭାରତୀୟ ହକିର ଶତବାର୍ଷିକୀ ଉତ୍ସବ

# ପିଏମ୍‌-ବନ୍ଦେ ମାତରମ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍‌'ର ୧୫୦ ବର୍ଷ ପୂର୍ତ୍ତିର ବର୍ଷବ୍ୟାପୀ ସ୍ମାରକୀ ଉତ୍ସବର ଶୁଭାରମ୍ଭ କରିବେ। ଏହି ଅବସରରେ ସେ ଏକ ସ୍ମାରକୀ ଡାକଟିକଟ ଏବଂ ମୁଦ୍ରା ମଧ୍ୟ ଉନ୍ମୋଚନ କରିବେ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଏହି ଦିନଟି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ମରଣୀୟ ଅବସର। 'ବନ୍ଦେ ମାତରମ୍‌' ଏକ ଉତ୍ସାହଜନକ ଆହ୍ୱାନ, ଯାହା ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିଛି ଏବଂ ସମଗ୍ର ଦେଶରେ ଦେଶପ୍ରେମର ଭାବନା ଜାଗ୍ରତ କରିଛି।

ଏହି ଉତ୍ସବରେ ସମାଜର ସମସ୍ତ ବର୍ଗର ଲୋକଙ୍କର ଅଂଶଗ୍ରହଣ ସହିତ ସାର୍ବଜନୀନ ସ୍ଥାନରେ 'ବନ୍ଦେ ମାତରମ୍‌'ର ପୂର୍ଣ୍ଣ ସଂସ୍କରଣର ସାମୂହିକ ଗାନ କରାଯିବ। ୧୮୭୫ ମସିହା ନଭେମ୍ବର ୭ ତାରିଖ' ଅକ୍ଷୟ ନବମୀରେ ବଙ୍କିମଚନ୍ଦ୍ର ଚାଟାର୍ଜୀ 'ବନ୍ଦେ ମାତରମ୍‌' ଲେଖିଥିଲେ। ଏହା ପ୍ରଥମେ ସାହିତ୍ୟ ପତ୍ରିକା 'ବଙ୍ଗଦର୍ଶନ'ରେ ତାଙ୍କ ଉପନ୍ୟାସ ଆନନ୍ଦମଠର ଅଂଶ ଭାବରେ ପ୍ରକାଶିତ ହୋଇଥିଲା। ଶକ୍ତି, ସମୃଦ୍ଧି ଏବଂ ଦିବ୍ୟତାର ପ୍ରତୀକ ଭାବରେ ମାତୃଭୂମିକୁ ଆହ୍ୱାନ କରି ଏହି ଗୀତଟି ଭାରତର ଏକତା ଏବଂ ଜାତୀୟ ଗର୍ବର ଏକ ସ୍ଥାୟୀ ପ୍ରତୀକ ହୋଇଛି।– **V/O**

# ପିଏମ୍‌-ବାରଣାସୀ ଭିଜିଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ବାରାଣସୀ ଗସ୍ତ କରି ଚାରୋଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିବେ। ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନଗୁଡ଼ିକ ବନାରସ-ଖଜୁରାହୋ, ଲକ୍ଷ୍ନୌ-

ସହାରନପୁର, ଫିରୋଜପୁର-ଦିଲ୍ଲୀ ଏବଂ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ରୁଟରେ ଚଳାଚଳ କରିବ।

ଏହି ରୁଟ୍‌ରେ ବନାରସ-ଖଜୁରାହୋ ମଧ୍ୟରେ ବନ୍ଦେ ଭାରତ ସିଧାସଳଖ ସଂଯୋଗ ସ୍ଥାପନ କରିବ। ଏହାଦ୍ୱାରା ବର୍ତ୍ତମାନ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ତୁଳନାରେ ପ୍ରାୟ ୨ ଘଣ୍ଟା ୪୦ ମିନିଟ୍ ଯାତ୍ରା ସମୟ ହ୍ରାସ ପାଇବ। ଏହି ବନ୍ଦେ ଭାରତ ଟ୍ରେନ୍' ବାରାଣସୀ, ପ୍ରୟାଗରାଜ, ଚିତ୍ରକୂଟ ଏବଂ ଖଜୁରାହୋ ସମେତ ଭାରତର ବିଭିନ୍ନ ଧାର୍ମିକ ଏବଂ ସାଂସ୍କୃତିକ ସ୍ଥାନକୁ ସଂଯୋଗ କରିବ। ଲକ୍ଷ୍ନୌ-ସହାରନପୁର ରୁଟ୍‌ରେ ବନ୍ଦେ ଭାରତ ଯାତ୍ରା ସମୟକୁ ୧ ଘଣ୍ଟା ହ୍ରାସ କରିବ। ଏହି ଟ୍ରେନ୍' ଲକ୍ଷ୍ନୌ, ସୀତାପୁର, ଶାହଜାହାନପୁର, ବରେଲି, ମୋରାଦାବାଦ ଏବଂ ବିଜନୌର ଯାତ୍ରୀମାନଙ୍କୁ ସୁବିଧା ଦେବ।  ଫିରୋଜପୁର-ଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସ ଜାତୀୟ ରାଜଧାନୀ ଏବଂ ପଞ୍ଜାବର ପ୍ରମୁଖ ସହର ଫିରୋଜପୁର, ବଥିଣ୍ଡା ଏବଂ ପଟିଆଲା ମଧ୍ୟରେ ସଂଯୋଗକୁ ତ୍ୱରାନ୍ୱିତ କରିବ। ଦକ୍ଷିଣ ଭାରତରେ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଯାତ୍ରା ସମୟକୁ ୨ ଘଣ୍ଟା ହ୍ରାସ କରିବ। ଏହି ଟ୍ରେନ୍' ପ୍ରମୁଖ ଆଇ.ଟି ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସଂଯୋଗ କରିବ।

## ବିହାର-ପୋଲିଂ

ବିହାର ବିଧାନସଭା ଲାଗି ଗତକାଲି ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୪ ଦଶମିକ ୬/୬ ପ୍ରତିଶତ ମତଦାନ ହୋଇଛି। ମୋଟ ୧ ହଜାର ୩୧୪ ପ୍ରାର୍ଥୀଙ୍କ ନିର୍ବାଚନୀ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଏହି ପର୍ଯ୍ୟାୟରେ ନିର୍ବାଚନ ମଇଦାନରେ ଥିବା ପ୍ରମୁଖ ନେତାମାନଙ୍କ ମଧ୍ୟରେ

ଅଛନ୍ତି ବିଜେପି ନେତା ତଥା ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ବିଜୟ କୁମାର ସିହ୍ନା, ନୀତିଶ କୁମାର, କ୍ୟାବିନେଟର ୧୬ ଜଣ ମନ୍ତ୍ରୀ ଏବଂ ଆରଜେଡି ନେତା ଏବଂ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ପ୍ରସାଦ ଯାଦବ ।

କେତେକ ଘଟଣାକୁ ଛାଡ଼ିଦେଲେ ଭୋଟ୍‌ଗ୍ରହଣ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା । ଲଖିସରାଇ ଜିଲ୍ଲାରେ କେତେକ ଦୁର୍ବୃତ୍ତ' ଉପମୁଖ୍ୟମନ୍ତ୍ରୀ ତଥା ବିଜେପି ପ୍ରାର୍ଥୀ ବିଜୟ କୁମାର ସିହ୍ନାଙ୍କ ଗାଡ଼ି ଉପରକୁ ଆକ୍ରମଣ କରିଥିଲେ । ନିର୍ବାଚନ କମିଶନ ଏହି ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି ଏବଂ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ବିନୟ କୁମାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ନିର୍ବାଚନ କମିଶନଙ୍କ ଆନ୍ତର୍ଜାତୀୟ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ ଅଧୀନରେ ଛଅଟି ଦେଶର ପ୍ରତିନିଧିମାନେ ପାଟନା, ମୁଜାଫରପୁର, ବୈଶାଳୀ ଏବଂ ନାଳନ୍ଦାରେ ନିର୍ବାଚନ-ସମ୍ପାଦିତ ନିର୍ବାଚନମଣ୍ଡଳୀ ପରିଦର୍ଶନ କରିଥିଲେ । ସେମାନେ ମତଦାନ ପ୍ରକ୍ରିୟା ପର୍ଯ୍ୟବେକ୍ଷଣ କରିଥିଲେ ଏବଂ ମୁକ୍ତ, ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନକୁ ସୁନିଶ୍ଚିତ କରିବା ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ ।

## ଏମ୍‌ଇଏ-ବ୍ରିଫିଂ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ଆଙ୍ଗୋଲା ଏବଂ ବୋତସ୍ୱାନାକୁ ଛଅ ଦିନିଆ ଗସ୍ତରେ ଯିବେ । ନୂଆଦିଲ୍ଲୀଠାରେ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟର ଆର୍ଥିକ ସହଯୋଗ ବିଭାଗ ସଚିବ

ସୁଧାକର ଦଲେଲା କହିଛନ୍ତି, ଏହି ଦୁଇ ରାଷ୍ଟ୍ର ଗସ୍ତ କରିବାରେ ରାଷ୍ଟ୍ରପତି ମୁର୍ମୁ ହେଉଛନ୍ତି ଭାରତର ପ୍ରଥମ ରାଷ୍ଟ୍ରମୁଖ୍ୟ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ' ଆଙ୍ଗୋଲା ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଆସନ୍ତା ୧୧ ତାରିଖରେ ଆଙ୍ଗୋଲା ସ୍ୱାଧୀନତାର ୫୦ତମ ବାର୍ଷିକୀ ସମାରୋହରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଆଙ୍ଗୋଲା ସଂସଦକୁ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧନ କରିବା ସହ ସେଠାରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସହ ମତବିନିମୟ କରିବେ ବୋଲି ଶ୍ରୀ ଦଲେଲା କହିଛନ୍ତି।

## ଜିତେନ୍ଦ୍ର-ଲକ୍ସମବର୍ଗ

ଭାରତ ଏବଂ ଲକ୍ସମବର୍ଗ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ ଅନୁସନ୍ଧାନରେ ସହଯୋଗକୁ ଦୃଢ଼ୀଭୂତ କରିବା ପାଇଁ ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛନ୍ତି। ନୂଆଦିଲ୍ଲୀରେ ଏକ ବୈଠକରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏବଂ ଲକ୍ସମବର୍ଗର ଗ୍ରାଣ୍ଡ ଡଚିର ରାଷ୍ଟ୍ରଦୂତ କ୍ରିଷ୍ଟିଆନ ବିଭର ୟୁରୋପୀୟ ବଜାରରେ ଭାରତୀୟ ମହାକାଶ ଷ୍ଟାର୍ଟ ଅପ୍‌କୁ ପ୍ରୋତ୍ସାହିତ କରିବା ପାଇଁ ସହମତ ପ୍ରକାଶ କରିଥିଲେ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ କହିଛି, ଏହି ବୈଠକରେ ସାଇବର ସୁରକ୍ଷା, କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା ଭଳି କ୍ଷେତ୍ରଗୁଡ଼ିକରେ ମିଳିତ ପଦକ୍ଷେପକୁ ଆଗକୁ ବଢ଼ାଇବା ଉପରେ ଧ୍ୟାନ ଦିଆଯାଇଥିଲା।

ଡକ୍ଟର ସିଂହ କହିଛନ୍ତି, ଚନ୍ଦ୍ରାୟନ-୩ ମିଶନ ଭାରତକୁ ମହାକାଶ ଉତ୍ପାଦନ ଏବଂ ଗବେଷଣା ପାଇଁ ଏକ କେନ୍ଦ୍ର ଭାବରେ ସ୍ଥାନିତ କରିଛି। ଭାରତ ଏବଂ ଲକ୍ସମବର୍ଗ ମଧ୍ୟରେ ସକ୍ରିୟ ଅଂଶଗ୍ରହଣକୁ ଆଲୋକପାତ କରି ଡକ୍ଟର ଜିତେନ୍ଦ୍ର

ସିଂହ କହିଛନ୍ତି, ପିଏସ୍ଏଲ୍ଭି ରକେଟ୍‌ରେ ଦୁଇଟି ଲକ୍ଷ୍ମବର୍ଗ ଉପଗ୍ରହ ଉତକ୍ଷେପଣ କରାଯାଇଥିଲା ।

## ସେବି–ଅନଲାଇନ୍ ଇନଭେଷ୍ଟମେଣ୍ଟ

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ - ସେବି ପ୍ରମୁଖ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ଇଣ୍ଟରନେଟ୍ ସର୍ଚ୍ଚ ଇଞ୍ଜିନ୍ ପ୍ରଦାନକାରୀମାନଙ୍କୁ ପ୍ରତାରଣାମୂଳକ ନିବେଶ କାର୍ଯ୍ୟକଳାପ ପାଇଁ ସେମାନଙ୍କ ପ୍ଲାଟଫର୍ମର ଅପବ୍ୟବହାର ବିରୁଦ୍ଧରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଅନୁରୋଧ କରିଛି ।

ଏକ ଆନୁଷ୍ଠାନିକ ଯୋଗାଯୋଗ ମାଧ୍ୟମରେ ବଜାର ନିୟାମକ' ଏହି ପ୍ଲାଟଫର୍ମଗୁଡ଼ିକୁ ପ୍ରତିଭୂତି ବଜାରରେ ବାଧ୍ୟତାମୂଳକ ବିଜ୍ଞାପନଦାତାଙ୍କ ବିଜ୍ଞାପନଗୁଡ଼ିକୁ ଯାଞ୍ଚ କରିବା ପାଇଁ ଆହ୍ୱାନ ଦେଇଛି । ସେବି ଦ୍ୱାରା ପଞ୍ଜିକୃତ ସଂସ୍ଥାଗୁଡ଼ିକୁ ନିବେଶ ଉତ୍ପାଦ ଏବଂ ସେବାଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ଅନୁମତି ଦିଆଯାଇଛି । ନିୟାମକ ପଞ୍ଜିକୃତ ମଧ୍ୟସ୍ଥିମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଯାଞ୍ଚ ଲେବଲ୍ ପ୍ରଚଳନ କରିବାକୁ ମଧ୍ୟ ସୁପାରିଶ କରିଛି ଯାହା ଦ୍ୱାରା ନିବେଶକମାନଙ୍କୁ ପ୍ରତାରଣାମୂଳକ ଆପ୍ ଠାରୁ ପୃଥକ କରିବାରେ ସାହାଯ୍ୟ ମିଳିବ ।

## ଟାଏଫୁନ୍-କାଲମାଏଗି

ଚଳିତ ମାସରେ ଶକ୍ତିଶାଳୀ ଝଡ଼ କାଲମାଏଗି, ଫିଲିପାଇନ୍ସ ପରେ ଭିଏତନାମରେ ପ୍ରବେଶ କରିଛି । ଏହାର ପ୍ରଭାବରେ ଭିଏତନାମରେ ପ୍ରବଳ ବର୍ଷା ସହ ପବନ ହୋଇଛି । ଏହି ସାମୁଦ୍ରିକଝଡ଼ ଫଳରେ ଫିଲିପାଇନ୍ସରେ

୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ସଂଖ୍ୟାରେ ଲୋକ ନିଖୋଜ ହୋଇଛନ୍ତି। ଭିଏତନାମରେ କାଲମାଏଗିରେ ୧୮୩ କିଲୋମିଟର ବେଗରେ ପବନ ବହିବା ଯୋଗୁଁ ଭିଏତନାମ କର୍ତ୍ତୃପକ୍ଷ ୫ ଲକ୍ଷ ୩୭ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରିଛନ୍ତି।

## ଫିଡେ ଚେସ୍ ଓ୍ୱାର୍ଲଡ କପ୍

ଗୋଆରେ ଅନୁଷ୍ଠିତ ହେଉଥିବା ଫିଡେ ଚେସ୍ ବିଶ୍ୱକପ୍–୨୦୨୫ର ଆଜି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଟାଇବ୍ରେକରେ ଆଠ ଜଣ ଭାରତୀୟ ଖେଳିବେ। ବିଜୟୀ ଖେଳାଳିମାନେ ତୃତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଭାରତୀୟ ଖେଳାଳିଙ୍କ ମଧ୍ୟରେ  ଆର. ପ୍ରଜ୍ଞାନନ୍ଧା, ବିଦିତ ଗୁଜରାଥି, ନିହାଲ ସରିନ, ପ୍ରଣଭି, ଭି,ଏସ.ଏଲ. ନାରାୟଣନ, କାର୍ତ୍ତିକେୟନ ମୁରଲୀ, ପ୍ରଣେଶ ଏମ୍ ଏବଂ ରୌନକ ସାଧଓ୍ୱାନୀ। ଡି. ଗୁକେଶ, ଅର୍ଜୁନ ଏରିଗାଇସି, ପେଣ୍ଟାଲା ହରିକୃଷ୍ଣ, ଦୀପ୍ତାୟନ ଘୋଷ ଏବଂ କାର୍ତ୍ତିକ ଭେଙ୍କଟରମଣ ମ୍ୟାଚ୍ ଜିତି ତୃତୀୟ ପର୍ଯ୍ୟାୟକୁ ପ୍ରବେଶ କରିସାରିଛନ୍ତି।

୧୬ ଜଣ ଭାରତୀୟ ଖେଳାଳି ପ୍ରଥମ ପର୍ଯ୍ୟାୟରେ ଖେଳିଥିବାବେଳେ ସାତ ଜଣ ନକ୍ ଆଉଟ୍ ହେବା ପରେ, ୧୭ ଜଣ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

## ହକି– ୧୦୦ ବର୍ଷ

ଭାରତୀୟ ହକି ଚଳିତ ବର୍ଷ ୧୦୦ ବର୍ଷ ପୂରଣ କରିଛି। ଏହା ଏକ ଐତିହାସିକ ଅବସର। ଏହି ୧୦୦ ବର୍ଷର ଯାତ୍ରା ଦେଶର ଗୌରବ ଏବଂ କ୍ରୀଡ଼ାବିତ୍‌ମାନଙ୍କ ପରିଶ୍ରମ ଓ ସଫଳତାର ଏକ ସ୍ୱର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି।

ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ଠାରେ ଆଜି ହକି ଇଣ୍ଡିଆ ସହ କେନ୍ଦ୍ର କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଭାରତୀୟ ହକିର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହେବ। ଭାରତର ୫୫୦ରୁ ଅଧିକ ଜିଲ୍ଲାରେ ସମାନ୍ତରାଳ ଭାବରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏହି ଅବସରରେ 'ଭାରତୀୟ ହକିର ୧୦୦ ବର୍ଷ' ନାମକ ସ୍ମାରକୀ ପୁସ୍ତକ ଉନ୍ମୋଚନ କରାଯିବ। ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ଠାରେ ଏକ ଫଟୋ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ଦୀର୍ଘ ୧୦୦ ଗୌରବମୟ ବର୍ଷର ହକି ସମ୍ପର୍କିତ ଫଟୋ ପ୍ରଦର୍ଶନ କରାଯିବ। ତୃଣମୂଳସ୍ତରରେ ଏହି ଉତ୍ସବକୁ ପାଳନ କରିବା ପାଇଁ ଦେଶବ୍ୟାପୀ ୫୫୦ଟି ଜିଲ୍ଲାରେ ଏକକାଳୀନ ୧୪ ଶହରୁ ଅଧିକ ହକି ମ୍ୟାଚ୍ ହେବ। ଏଥିରେ ୩୬ ହଜାରରୁ ଅଧିକ ଖେଳାଳି ସାମିଲ ହେବେ। ଜାତୀୟ କ୍ରୀଡ଼ା' ଗ୍ରାମୀଣ ଏବଂ ସହରାଞ୍ଚଳକୁ ଏକତ୍ର କରି ସମଗ୍ର ଦେଶରେ ଏକ ଉତ୍ସବମୁଖୀ ପରିବେଶ ସୃଷ୍ଟି କରିବା ଏହି ଉତ୍ସବ ପାଳନର ଲକ୍ଷ୍ୟ ରହିଛି।